# କେନ୍ଦୁଝର : ଜିଲ୍ଲାପାଳ ନୂଆ ବର୍ଷ ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇଲେ

 

କେନ୍ଦୁଝର, ତା ୦୧.୦୧.୨୧ ନୂଆବର୍ଷ ଅବସରରେ  ଜିଲ୍ଲାପାଳ ଆଶିଷ ଠାକରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇ ଜିଲ୍ଲାବାସୀଙ୍କର ସୁଖ ସମୃଦ୍ଧି କାମନା କରିଛନ୍ତି । ଏତଦ୍‌ବ୍ୟତୀତ ଜିଲ୍ଲାର ପ୍ରଗତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଛନ୍ତି । ନୂଆବର୍ଷ ଉପଲକ୍ଷେ ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କ ଆନୁକୂଲ୍ୟରେ ଦରବାର ହଲ୍‌ଠାରେ ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଅଧିକାରୀ ଓ କର୍ମଚାରୀମାନଙ୍କୁ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନେ ନିଜର କର୍ତବ୍ୟ ପ୍ରତି ସଚେତନ ରହି ଜିଲ୍ଲାବାସୀଙ୍କୁ ସେବା ଯୋଗାଇଦେବା ପାଇଁ ଅଙ୍ଗୀକାରବଦ୍ଧ ହେବାକୁ ଆହ୍ୱାନ ଜଣାଇଥିଲେ । ଜିଲ୍ଲାରେ ଯେତେ ଉନ୍ନୟନ ଓ ପ୍ରଗତିର ପ୍ରକ୍ରିୟା ଚାଲିଛି ତାହାର ସଫଳ ରୂପାୟନ ପାଇଁ ନିଷ୍ଠାର ସହ କାର୍ଯ୍ୟ କରି ଜନସାଧାରଣଙ୍କର ଆସ୍ଥାଭାଜନ ହେବାକୁ କହିଥିଲେ । ମହାମାରୀ କୋଭିଡ୍-୧୯ ବିରୁଦ୍ଧ ଲଢେଇରେ ଅଧିକାରୀ /କର୍ମଚାରୀମାନଙ୍କର କର୍ତବ୍ୟ ପରାୟଣତାକୁ ପ୍ରଶଂସା କରିଥିଲେ ଏବଂ ଆଗାମୀ ଦିନରେ ଯେକୌଣସି ଆହ୍ୱାନର ମୁକାବିଲାରେ ସେମାନେ ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟକରିବାକୁ ଆହ୍ୱାନ ଜଣାଇଥିଲେ । ୨୦୨୦ ମସିହାରେ ମହାମାରୀ କୋଭିଡ୍-୧୯ ବିରୁଦ୍ଧ ଲଢେଇରେ ଜିଲ୍ଲାବାସୀଙ୍କର ସକ୍ରିୟ ସହଯୋଗ ଏବଂ କୋଭିଡ୍ ଯୋଦ୍ଧାମାନଙ୍କର କର୍ତବ୍ୟ ନିଷ୍ଠା ପାଇଁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି । ଜିଲ୍ଲାପାଳ କହିଛନ୍ତି ଯେ ଏବେବି କୋଭିଡ୍-୧୯ର ବିପଦ ଟଳି ନାହିଁ । ଏଣୁ କୋଭିଡ୍ ବିରୁଦ୍ଧ ଲଢେଇରେ ଜିଲ୍ଲାବାସୀ ଅକୁଣ୍ଠ ସହଯୋଗ ବଳବତର ରଖିବାକୁ ନିବେଦନ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସନ୍ତୋଷ କୁମାର ନାୟକ ମଧ ନବବର୍ଷର ଶଭେଚ୍ଛା ଜଣାଇ ଉଦ୍‌ବୋଧନ ଦେଇଥିଲେ । ଉଦ୍‌ବୋଧନ ଛଳରେ କହିଥିଲେଯେ ନୂଆ ବର୍ଷ ସମସ୍ତଙ୍କ ପାଇଁ ସଂକଳ୍ପର ବର୍ଷ ହେଉ । ଜିଲ୍ଲାପାଳଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲାରେ ସରକାରଙ୍କ କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରିବା ସହିତ ମୋ ସରକାର କାର୍ଯ୍ୟକ୍ରମକୁ ଫଳପ୍ରଦ କରିବା ନିମନ୍ତେ କର୍ମଚାରୀମାନେ ଅଙ୍ଗୀକାରବଦ୍ଧ ହେବାକୁ ନୂଆ ବର୍ଷ ପ୍ରେରଣା ଯୋଗାଉ ବୋଲି କହିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତ ସମ୍ଭାଷଣ କରିବା ସହିତ  ସମାରୋହର ସଂଚାଳନା କରିଥିଲେ । ଏହି ସମାରୋହରେ ଡେପୁଟି କଲେକ୍ଟର ବସୁନ୍ଧରା ଭିତିରିଆ, ସୁରଞ୍ଜିକା ବେହେରା, ବରିଷ୍ଠ ରାଜସ୍ୱ ସହାୟକ ମହମ୍ମଦ ଅଲ୍ଲୀ ଜିନା, ମିଶନ ଶକ୍ତିର ଡିପିଏମ ଶିଶିର ଷଡଙ୍ଗୀ, ଜିଲ୍ଲା ନିଯୋଜନ ଅଧିକାରୀ ଗଣେଶ୍ୱର ନାୟକ, କର୍ମଚାରୀ ଅମରେଶ ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର